ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/COVID-19(OD)/ 1046/14-01-2021**

# ପ୍ରେସ୍ ବିବୃତି

ଭୁବନେଶ୍ୱର :୧୪ ଜାନୁଆରୀ,୨୦୨୧

- ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ  ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି । କୋଭିଡ୍ ନିୟମକୁ ଦୃଷ୍ଟିରେ ରଖି ମକର ଉତ୍ସବ ପାଳନ କରିବାକୁ ଅନୁରୋଧ କରିବା ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କ ସୁଖ ଓ ସମୃଦ୍ଧି କାମନା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲାରେ ୨୦୮୫ କୋଟି ଟଙ୍କାର ୧୦୦ରୁ ଊର୍ଦ୍ଧ୍ୱ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ୧୦୧୧ କୋଟି ଟଙ୍କାର ଉଦ୍‌ଘାଟିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ରହିଛି ୯୩୩ କୋଟି ଟଙ୍କାର ପାର୍ବତୀ ଗିରି ବୃହତ ଉଠା ଜଳସେଚନ ପ୍ରକଳ୍ପ ସାଙ୍ଗକୁ ବିଷମଗିରି ଜଳସେଚନ ପ୍ରକଳ୍ପ ଓ ୧୩ଟି ଚେକ୍ ଡ୍ୟାମ୍ । ମାନ୍ୟବର ମୁଖ୍ୟମନ୍ତ୍ରୀ କଳାହାଣ୍ଡି ଜିଲ୍ଲାରେ ଜଳସେଚନ ସୁବିଧାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ମଧ୍ୟ ସାଣ୍ଡୁଲ ଜଳସେଚନ ପ୍ରକଳ୍ପ ସହିତ ୪ଟି ବୃହତ୍ ଉଠା ଜଳସେଚନ ପ୍ରକଳ୍ପ ନିମନ୍ତେ ଶିଳାନ୍ୟାସ କରିଛନ୍ତି । ସେ ମଧ୍ୟ ଅନେକ ସେତୁ, ରାସ୍ତା ଉନ୍ନତିକରଣ, ଜଳଯୋଗାଣ, ମିଶନ ଶକ୍ତି ଗୃହ ଓ ଅନ୍ୟାନ୍ୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ କରିଛନ୍ତି ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ କଳାହାଣ୍ଡିର ବିକାଶକୁ ଅଧିକ ସୁଦୃଢ଼ କରିବା ପାଇଁ ୧୦୨୦ କୋଟି ଟଙ୍କାର ୫୨ଟି ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ବିକାଶକୁ ଅଧିକ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଜଳସେଚନ, ପାନୀୟ ଜଳଯୋଗାଣ, ରାସ୍ତାଘାଟ, ଭିତ୍ତିଭୂମି ବିକାଶ ଓ ବିଦ୍ୟୁତ ପ୍ରକଳ୍ପ ଏସବୁର ଅନ୍ତର୍ଭୁକ୍ତ ।

  - ମାନ୍ୟବର ମୁଖ୍ୟମନ୍ତ୍ରୀ ରେଙ୍ଗାଲପାଲି, ଲକ୍ଷ୍ମୀପୁର, ପଲସିଝରଣ ଓ ଭୃତିଗଡ଼ରେ ପାଇପ ଜଳଯୋଗାଣ ପ୍ରକଳ୍ପ ଉଦ୍‌ଘାଟନ କରିବା ସହିତ ଜିଲ୍ଲାରେ ଗୋଲାମୁଣ୍ଡା ନିମନ୍ତେ ବୃହତ୍ ପାଇପ ଜଳଯୋଗାଣ ପ୍ରକଳ୍ପ ଓ ୪୦ଟି ଏକକ ଗ୍ରାମୀଣ ପାଇପ ଜଳଯୋଗାଣ ପ୍ରକଳ୍ପ ନିମନ୍ତେ ଶିଳନ୍ୟାସ କରିଛନ୍ତି । ଏହି ଅବସରରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶହୀଦ ରେଣ୍ଡୋ ମାଝୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ନବେ ଦଶକରେ ବିଜୁବାବୁଙ୍କ କଳାହାଣ୍ଡି ଗସ୍ତ ସଂପର୍କରେ ସ୍ମୃତିଚାରଣ କରିଛନ୍ତି ।

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା କଳାହାଣ୍ଡିର ବିକାଶଧାରାରେ ଆଉ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ଯୋଡ଼ି ହୋଇଛି । ବର୍ତ୍ତମାନ କଳାହାଣ୍ଡି ସାରା ଦେଶ ପାଇଁ ବିକାଶର ମଡ଼େଲ୍ ସାଜିଥିବା ବେଳେ ନୂଆ ଓଡ଼ିଶା ପାଇଁ ବାଟ ଦେଖାଉଛି ବୋଲି ଦର୍ଶାଇବା ସହିତ କଳାହାଣ୍ଡିର ଏପରି ଅଭିବୃଦ୍ଧି ନିମନ୍ତେ ଜିଲ୍ଲାର ସମସ୍ତ କୃଷକ ଓ ଜନସାଧାରଣଙ୍କ ଦୃଢ଼ ଆତ୍ମବିଶ୍ୱାସ, ପ୍ରତିବଦ୍ଧତା ଓ ପରିଶ୍ରମକୁ ଉଚ୍ଚ ପ୍ରଶଂସା କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୨୦୦୦ ମସିହା ପରେ କଳାହାଣ୍ଡି ଜିଲ୍ଲାରେ ଜଳସେଚନ ସୁବିଧା ୩ ଗୁଣ ବଢ଼ିଛି । ଦିନେ ଭୋକର ଭୂଗୋଳ ଭାବେ ପରିଚିତ କଳାହାଣ୍ଡି ଆଜି ଓଡ଼ିଶା ଓ ଦେଶର ଭାତହାଣ୍ଡି ହୋଇପାରିଥିବାରୁ ମାନ୍ୟବର ମୁଖ୍ୟମନ୍ତ୍ରୀ ସନ୍ତୋଷ ପ୍ରକାଶ କରିଛନ୍ତି ।

- ମାନ୍ୟବର ମୁଖ୍ୟମନ୍ତ୍ରୀ ଇନ୍ଦ୍ରାବତୀ ନଦୀର ପ୍ରତିଟି ଜଳବିନ୍ଦୁ କଳାହାଣ୍ଡିକୁ ସମୃଦ୍ଧ କରିଛି ବୋଲି ଦର୍ଶାଇ ଜିଲ୍ଲାର କୃଷକମାନେ ମା' ଇନ୍ଦ୍ରାବତୀଙ୍କ ଭବ୍ୟ ମନ୍ଦିରରୁ ସଂକଳ୍ପ ନେଇ ନଦୀର ପ୍ରତି ଜଳବିନ୍ଦୁକୁ କଳାହାଣ୍ଡିର ବିକାଶ ନିମନ୍ତେ ଉପଯୋଗ କରିବେ ବୋଲି ଆଶା ପ୍ରକଟ କରିଛନ୍ତି । ଇନ୍ଦ୍ରାବତୀକୁ ଯଥାର୍ଥ ସମ୍ମାନ ଦେଇ ସେଠାରେ ସଂଗ୍ରହାଳୟ ଓ ଉଦ୍ୟାନ ନିର୍ମାଣ କରାଯିବ ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

**ସର୍ବଶେଷ ସ୍ୱାସ୍ଥ୍ୟ ସୂଚନା**

- ଗତକାଲି ମଧ୍ୟରାତ୍ରି ସୁଦ୍ଧା ଓଡ଼ିଶାରେ ୭୨,୯୨,୦୬୮ ଟି ନମୁନା କୋଭିଡ୍-୧୯ ପରୀକ୍ଷା କରାଯାଇଛି ।
- ବର୍ତ୍ତମାନ ସୁଦ୍ଧା ସମୁଦାୟ ୩,୩୨,୭୬୩ ଜଣ ପଜିଟିଭ୍ ଚିହ୍ନଟ ହୋଇଛନ୍ତି ।
- ୩,୨୮,୬୨୨ ଜଣ ରୋଗୀ ସଂପୂର୍ଣ୍ଣ ସୁସ୍ଥ ହୋଇଛନ୍ତି/ଡାକ୍ତରଖାନାରୁ ଫେରିଛନ୍ତି ।
- ୧୮୯୬ ଜଣ କୋଭିଡ୍-୧୯ ରୋଗୀଙ୍କର ମୃତ୍ୟୁ ହୋଇଛି ।
- ସକ୍ରିୟ ଥିବା ସଂକ୍ରମିତଙ୍କ ସଂଖ୍ୟା ୨,୧୯୨ ରହିଛି ।
- ୨,୧୯୨ ଜଣ ହସ୍‌ପିଟାଲ୍ ଆଇସୋଲେସନ୍‌ରେ ରହିଛନ୍ତି ।

ମାନସ ରଞ୍ଜନ ଖୁଣ୍ଟିଆ
ସୂଚନା ଅଧିକାରୀ

**'ମାସ୍କ ପିନ୍ଧନ୍ତୁ, ସୁରକ୍ଷିତ ରୁହନ୍ତୁ'**